بسم اللہ الرحمٰن الرحیم

**ଖୁତ୍‌ବା ଜୁମା ୦୬ ଜାନୁୟାରୀ ୨୦୨୩ର ସାରାଂଶ**
**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସ୍‌ଲାମାବାଦ୍ ଟେଲଫୋର୍ଡ଼ (ୟୁ.କେ)**

# ୱକ୍‌ଫେ ଜଦିଦ୍‌ର ୬୫ତମ ବର୍ଷ ପୂର୍ତ୍ତି ଅବସରରେ ଜମାଅତ୍ ଅହେମଦିୟା ପକ୍ଷରୁ ଉପସ୍ଥାପିତ ବଳିଦାନର ଚର୍ଚ୍ଚା ଓ ୬୬ତମ ବର୍ଷ ଶୁଭାରମ୍ଭ ହେବାର ଘୋଷଣା ।

**ଅଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ। ଅମ୍ମା ବାଦ୍‌ଫାଉଜୁ ବିଲ୍ଲାଃହି ମିନଶ୍ ଶୈତାନ୍ ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍ ରହ୍‌ମାନ୍ ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମାନ୍ ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍ତକିମ୍ ସିରାତଲ୍ ଲଜ଼ିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଅଲୈହିମ୍ ୱଲଜ୍ୱାଲ୍‌ଲିନ୍ ।**

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ ସୁରଃ ଆଲେ ଇମ୍ରାନ୍‌ର ୯୩ତମ ଆୟତ୍‌ର ଆବୃତ୍ତି କରି କହିଲେ;

ହ. ମସିହ୍ ମଉଦ୍ ଅ.ସ ଉକ୍ତ ଆୟତ୍‌ର ବ୍ୟଖ୍ୟା କରି କୁହନ୍ତି, ତୁମେମାନେ ପ୍ରକୃତ ପୁଣ୍ୟ ଯାହାକି ତୁମକୁ ମୋକ୍ଷ ପର୍ଯ୍ୟନ୍ତ ପହଞ୍ଚାଇଥାଏ ଓ ଯେଉଁ ପ୍ରିୟ ବସ୍ତୁ, ଧନ ସମ୍ପତ୍ତି ତୁମକୁ ଈଶ୍ୱରଙ୍କ ଠାରୁ ମଧ୍ୟ ଅତି ପ୍ରିୟ ବୋଲି ଜଣାପଡ଼େ । ଯଦି ସେହି ପ୍ରିୟ ବସ୍ତୁ ଅର୍ଥାତ ନିଜର ପ୍ରିୟ ଧନକୁ ପ୍ରଭୁଙ୍କ ମାର୍ଗରେ ବ୍ୟୟ ନକରିଛ ତେବେ ସେପରିପ୍ରେକ୍ଷୀରେ ତୁମେମାନେ ସେହି ପ୍ରକୃତ ପୁଣ୍ୟକୁ କଦାପି ପ୍ରାପ୍ତ କରିପାରିବ ନାହିଁ । ଅତଏବ୍ ଆର୍ଥିକ ବଳିଦାନର ଏତେ ମହତ୍ୱ ରହିଛି ଯେ, ଅଲ୍ଲାଃତାଲା ପବିତ୍ର କୁରଆନରେ ଦର୍ଶାଇ କହନ୍ତି, ପ୍ରକୃତ ପୁଣ୍ୟ ଯହିଁରୁ ପ୍ରଭୁ ପ୍ରସନ୍ନ ଓ ସନ୍ତୁଷ୍ଟ ହୁଅନ୍ତି ଏବଂ ପ୍ରଭୁଙ୍କ ପ୍ରସନ୍ନତା ପ୍ରାପ୍ତି ସକାଶେ ଯଦି ସେହି ପୁଣ୍ୟ (ଆର୍ଥିକ ବଳିଦାନ) ମନୁଷ୍ୟ କରେ ତେବେ ସେପରିପ୍ରେକ୍ଷୀରେ ମନୁଷ୍ୟର ସେହି ପୁଣ୍ୟ ପ୍ରକୃତ ପୁଣ୍ୟ ବୋଲି ବିବେଚିତ ହେବ । ଅର୍ଥାତ ମନୁଷ୍ୟ ଯେତେବେଳେ ନିଜର ପ୍ରିୟ ବସ୍ତୁକୁ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ସକାଶେ, ମାନବ ଜାତି ପ୍ରତି ସହାନୁଭୂତିପୂର୍ବକ ବ୍ୟୟ କରେ ତେବେ ଏହି ପୁଣ୍ୟବଳୀଗୁଡ଼ିକ ମନୁଷ୍ୟ ନିମନ୍ତେ ମୋକ୍ଷର ମାଧ୍ୟମ ପାଲଟି ଯାଇଥାଏ ।

ଅଲ୍ଲାଃତାଲାଙ୍କ ମାର୍ଗରେ କୌଣସି ବ୍ୟକ୍ତିର ପ୍ରିୟ ଧନ ସେତେବେଳେ ଗୃହୀତ ହୋଇଥାଏ ଯେତେବେଳେ ସେ ପ୍ରଭୁଙ୍କର ସାନ୍ନିଧ, ଅନୁଗ୍ରହତା ଏବଂ ପ୍ରସନ୍ନତା ପ୍ରାପ୍ତି ଉଦ୍ଦେଶ୍ୟରେ ତାହାକୁ ବ୍ୟୟ କରି ଦେଇଥାଏ । ଏହା ହିଁ ପ୍ରକୃତ ପୁଣ୍ୟ । ହ. ମସିହ୍ ମଉଦ କୁହନ୍ତି ଯେ, ଏହି ଦୁନିଆରେ ମନୁଷ୍ୟ ନିଜର ଧନକୁ ସବୁଠୁ ବେଶୀ ଭଲ ପାଏ । ପ୍ରକୃତ ଧର୍ମପରାୟଣତା ଏବଂ ବିଶ୍ୱାସର ପ୍ରାପ୍ତି ପାଇଁ ଅଲ୍ଲାଃତାଲା ପବିତ୍ର କୁରଆନ୍‌ରେ କୁହନ୍ତି, **ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍** । ଅର୍ଥାତ ତୁମେମାନେ ପ୍ରକୃତ ପୁଣ୍ୟକୁ କଦାପି ପ୍ରାପ୍ତ କରିପାରିବ ନାହିଁ ଯେପର୍ଯ୍ୟନ୍ତ ତୁମେମାନେ ନିଜର ଅତି ପ୍ରିୟ ଅର୍ଜିତ ଧନକୁ ଅଲ୍ଲାଃତାଲାଙ୍କ ମାର୍ଗରେ ବ୍ୟୟ ନକରିଛ । କାରଣ ଈଶ୍ୱରଙ୍କ ଦ୍ୱାରା ସୃଷ୍ଟ ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସଦ୍‌ବ୍ୟବହାର ପ୍ରଦର୍ଶନ କରିବା କହିଲେ ଧନର ଏକ ବୃହତାଂଶ ବ୍ୟୟ କରିବାର ପ୍ରାସଙ୍ଗିକତାକୁ ବୁଝାଇଥାଏ । ବିଭିନ୍ନ ପ୍ରକାର ଜୀବ ଏବଂ ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ପ୍ରଦର୍ଶନ କରିବା ଏଭଳି ଏକ ପ୍ରସଙ୍ଗ ଯାହାକି ବିଶ୍ୱାସର ଦ୍ୱିତୀୟ ଭାଗ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହାକୁ ବାଦ୍ ଦେଲେ ବିଶ୍ୱାସ ସଂମ୍ପୂର୍ଣ୍ଣ ଏବଂ ସୁଦୃଢ଼ ହୋଇ ନଥାଏ । ଯେପର୍ଯ୍ୟନ୍ତ ମନୁଷ୍ୟ ବଳିଦାନ ଏବଂ ତ୍ୟାଗ କରି ନାହିଁ ସେପର୍ଯ୍ୟନ୍ତ ସେ ଅନ୍ୟମାନଙ୍କର କିପରି ଉପକାର ସାଧିତ କରିପାରିବ ? ଅତଏବ ଉକ୍ତ ଆୟତ୍‌ରେ ସେହି ବଳିଦାନ ତଥା ତ୍ୟାଗର ଶିକ୍ଷା ଏବଂ ମାର୍ଗ ଦର୍ଶନର ମହାମନ୍ତ୍ର ପ୍ରଦାନ କରାଯାଇଛି । ସୁତରାଂ ଅଲ୍ଲାଃତାଲାଙ୍କ ମାର୍ଗରେ ନିଜର ପ୍ରିୟ ଧନକୁ ବ୍ୟୟ କରିବା ମଧ୍ୟ ମନୁଷ୍ୟର ସୌଭାଗ୍ୟଶାଳୀତା ଏବଂ ଧର୍ମପରାୟଣତାର ସ୍ତର ଓ କଷଟି ପଥର ଅଟେ ।

ହ. ଅବୁ ବକର ର.ଅଙ୍କ ସମଗ୍ର ଜୀବନ ଅଲ୍ଲାଃତାଲାଙ୍କ ସକାଶେ ଉତ୍ସର୍ଗୀକୃତର ଏକ ସ୍ତର ଓ କଷଟି ପଥର ରୂପେ ଅଭିପ୍ରେତ ଥିଲା ଯେ, ଏକଦା ରସୁଲ୍ କରୀମ୍ ସ.ଅ କୌଣସି ଆବଶ୍ୟକତା ନିମନ୍ତେ ଆହ୍ୱାନ ଦେଲେ ସେତେବେଳେ ଅର୍ଥାତ ହ. ଅବୁ ବକର ର.ଅ ନିଜ ଘରର ସମସ୍ତ ଆସବାବ ପତ୍ର ଏବଂ ଧନରତ୍ନ ଧରି ଆପଣ ସ.ଅଙ୍କ ସମ୍ମୁଖରେ ଉପସ୍ଥିତ ହୋଇଗଲେ । ହ. ମସିହ୍ ମଉଦ୍ ଅ.ସଙ୍କ କାଳରେ ମଧ୍ୟ ତାଙ୍କର ମିଶନକୁ ପୂରଣ କରିବା ପାଇଁ ବିଭିନ୍ନ ପତ୍ରିକା ପ୍ରକାଶନ ଏବଂ ଇସ୍‌ଲାମ୍ ଧର୍ମର ପ୍ରକାଶନ ପାଇଁ ସର୍ବୋଚ୍ଚ ଆଦର୍ଶ ହ. ମୌଲାନା ହକିମ୍ ନୁରୁଦ୍ଦୀନ୍ ସାହେବ୍, ଖଲିଫତୁଲ୍ ମସିହ୍ ଅୱଲ୍(ଜମାଅତ୍ ଅହେମଦିୟାର ପ୍ରଥମ ଖଲିଫା) ସ୍ଥାପନ କରିଥିଲେ। ଆପଣ ର.ଅ ହ. ମସିହ୍ ମଉଦ୍ ଅ.ସଙ୍କ ନିକଟକୁ ପତ୍ର ଲେଖି ଜଣାଇଲେ ଯେ, ହୁଜୁର୍ ! ଆପଣ ଅ.ସଙ୍କ ମାର୍ଗରେ ମୁଁ ନିଜକୁ ଉତ୍ସର୍ଗ କରୁଛି ଏବଂ ଯାହାକିଛି ମୋର ରହିଛି ତାହା ବର୍ତ୍ତମାନ ମୋର ନୁହେଁ ବରଂ ଆପଣ ଅ.ସଙ୍କର । ମୁଁ ପରମ ସନ୍ଥ ତଥା ଆଧ୍ୟାତ୍ମିକ ଗୁରୁଙ୍କ ନିକଟରେ ସଂପୂର୍ଣ୍ଣ ସତ୍ୟତାର ସହିତ ଏହା ବ୍ୟକ୍ତ କରୁଛି ଯେ, ମୋର ସମସ୍ତ ଧନ ସମ୍ପତ୍ତି ଯଦି ଧର୍ମର ପ୍ରଚାର ପ୍ରସାର ନିମନ୍ତେ ବ୍ୟୟ ହୋଇଯାଏ ତେବେ ମୋର ଜୀବନ ସାଫଲ୍ୟ ମଣ୍ଡିତ ହେଲା ବୋଲି ଜାଣିବି ।

ସେହିପରି ହ. ମସିହ୍ ମଉଦ୍ ଅ.ସଙ୍କର ଅନେକ ସାହାବାମାନେ ଥିଲେ ଯେଉଁମାନେ ନିଜ ନିଜର ସାମର୍ଥ୍ୟ ଅନୁଯାୟୀ ଏଭଳି ବଳିଦାନ ଦେଲେ ଯେ, ହ. ମସିହ୍ ମଉଦ୍ ଅ.ସ କହିଲେ ଯେ, ସେମାନଙ୍କର ବଳିଦାନ ଦେଖି ମୁଁ ଆଶ୍ଚର୍ଯ୍ୟ ଚକିତ ହୋଇଯାଏ । ବଳିଦାନର ଏହି ଅଭୂତପୂର୍ବ ନମୁନା ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଏପରି ବୋଧ ହୋଇଥାଏ ଯେପରିକି ହ. ମସିହ୍ ମଉଦ୍ ଅ.ସଙ୍କ ବିୟୋଗ ପରେ ତାହାଙ୍କ ଦ୍ୱାରା ଅବ୍ୟାହତ ନିଜାମ୍ (ବ୍ୟବସ୍ଥା) ଅର୍ଥାତ ନିଜାମେ ଖିଲାଫତ୍‌ରେ ମଧ୍ୟ ଅଲ୍ଲାଃତାଲା ପ୍ରତ୍ୟେକ ଯୁଗରେ ବଳିଦାନକାରୀ ବ୍ୟକ୍ତି ପ୍ରଦାନ କରି ଚାଲିଛନ୍ତି ଯେଉଁମାନେ ନିଜର ବ୍ୟକ୍ତିଗତ ସ୍ୱାର୍ଥକୁ ଜଳାଞ୍ଜଳୀ ଦେଇ ପ୍ରତିସ୍ପର୍ଦ୍ଧିତ ଭାବରେ ବଳିଦାନ ଉପସ୍ଥାପିତ କରୁଛନ୍ତି । ଅଲ୍ଲାଃତାଲାଙ୍କ କୃପାରୁ ଜମାଅତ୍‌ର ସଦସ୍ୟବୃନ୍ଦ ଏହି ଆର୍ଥିକ ବଳିଦାନରେ ପ୍ରତିସ୍ପର୍ଦ୍ଧିତ ହୋଇ ତହିଁରେ ଅଂଶ ଗ୍ରହଣ କରିଥାଆନ୍ତି । ଏହା ଏହିଭଳିଆ ଉଦାହରଣ ଯହିଁରୁ ବଳିଦାନକାରୀ ବ୍ୟକ୍ତିମାନେ ନା କେବଳ ସାଂସାରିକ ଲାଭ ପ୍ରାପ୍ତ କରୁଛନ୍ତି ବରଂ ସେମାନଙ୍କ ବିଶ୍ୱାସରେ ମଧ୍ୟ ଅସାଧାରଣ ଅଭିବୃଦ୍ଧି ହୋଇଥାଏ ।

ହୁଜୁର ଅନୱର୍ ଅ.ବ ପୃଥିବୀ ବ୍ୟାପୀ ବିଭିନ୍ନ ଦେଶମାନଙ୍କରେ ବାସ କରୁଥିବା ଜମାଅତ୍‌ର ସଦସ୍ୟବୃନ୍ଦଙ୍କର ଆର୍ଥିକ ବଳିଦାନର ବିଶ୍ୱାସବର୍ଦ୍ଧକ ଘଟଣାର ଚର୍ଚ୍ଚା କରି କହିଲେ, ଲାଇବେରିଆର ଜଣେ ମୁଅଲ୍ଲିମ୍ ସାହେବ ଉଲ୍ଲେଖ କରନ୍ତି ଯେ, ମୁଁ ୱକ୍‌ଫେ ଜଦିଦ୍‌ର ଚାନ୍ଦା ଆଦାୟ ନିମନ୍ତେ ଜମାଅତ୍‌ର ନବଦୀକ୍ଷିତ ଜଣେ ସେବକଙ୍କ ଘରକୁ ଯେତେବେଳେ ଗଲି ସେତେବେଳେ ତାଙ୍କର ମାତାଶ୍ରୀ ଘରେ ଅର୍ଥାଭାବର କାରଣ ଦର୍ଶାଇ ମୋତେ କ୍ଷମା ମାଗି କହିଲେ, ମୌଲବୀ ସାହେବ ! କ୍ଷମା କରିବେ ଚାନ୍ଦା ଦେବା ପାଇଁ ଆମ ନିକଟରେ ବର୍ତ୍ତମାନ ପଇସାଟିଏ ବି ନାହିଁ । ତେଣୁ ମୁଅଲ୍ଲିମ୍ ସାହେବ ଫେରି ଆସିଲେ । କିଛି ସମୟ ପରେ ସେବକ ଦୌଡ଼ି ଆସି ନିଜର ସ୍କୁଲ୍ ଫିସ୍‌ରୁ ୨୫୦ ଲାଇବେରିୟାନ୍ ଡ଼ଲାର ଚାନ୍ଦାରେ ଦେଇ କହିଲେ, ଆମ ଘର ଏହି ଆହ୍ୱାନରୁ ବଞ୍ଚିତ ନରହୁ । କିଛି କାଳ ପରେ ଉକ୍ତ ସେବକ ଜଣକ କହିଲେ ଯେ, ମୋର ଜଣେ ସଂପର୍କୀୟ ମୋର ସ୍କୁଲର ଆବଶ୍ୟକତା ପାଇଁ ୨୫୦୦ ଡ଼ଲାର ଅର୍ଥ ପଠାଇଛନ୍ତି । ଉକ୍ତ ଅର୍ଥରୁ ମୁଁ ସ୍କୁଲ୍ ଫିସ୍ ମଧ୍ୟ ପୈଠ କରିଦେଲି ଓ ଅନ୍ୟାନ୍ୟ ଆବଶ୍ୟକୀୟ ଖର୍ଚ୍ଚ ମଧ୍ୟ ପୂରଣ କରିଦେଲି । ଅଲ୍ଲାଃତାଲା ମୋର ବଳିଦାନକୁ ଦଶ ଗୁଣା ଅଭିବୃଦ୍ଧି କରି ମୋତେ ଫେରସ୍ତ କଲେ । ହୁଜୁର ଅନୱର୍ ଅ.ବ କହିଲେ, ଅଲ୍ଲାଃତାଲା ଲୋକମାନଙ୍କ ମନରେ ଏହିପରି ବିଶ୍ୱାସ ଏବଂ ଆସ୍ଥା ସୃଷ୍ଟି କରିଥାଆନ୍ତି ।

ଭାରତର ତାମିଲନାଡୁ ରାଜ୍ୟ ଅନ୍ତର୍ଗତ ମେଲାପାଲାଏମ୍ ଜିଲ୍ଲାର ୱକ୍‌ଫେ ଜଦିଦ୍‌ର ଜଣେ ଇନ୍ସପେକ୍ଟର କହନ୍ତି ଯେ, ମେଲାପାଲାଏମ୍‌ର ଜଣେ ନୈଷ୍ଠିକ ଅହେମଦି ଯେକି ୨୦୧୪ ମସିହାରେ ବୈଅତ୍ କରିଥିଲେ, ସେ କହିଲେ ଯେ, ମୁଁ ଯେତେବେଳେ ବୈଅତ୍ କରିଥିଲି ସେତେବେଳେ ମୁଁ ନିଜର ୱକ୍‌ଫେ ଜଦିଦ୍‌ର ୱାଦା (ପ୍ରତିଶୃତ ଚାନ୍ଦା) ୪୦୦୦ ଟଙ୍କା ଲେଖାଇ ଦେଇ ସାଙ୍ଗେସାଙ୍ଗେ ପୈଠ କରି ଦେଇଥିଲି । କାରଣ ମୋ ପାଖରେ ସେତିକି ହିଁ ସାମର୍ଥ୍ୟ ଥିଲା । କିନ୍ତୁ ପୁଣି ପ୍ରତ୍ୟେକ ବର୍ଷ ଯଥା ସାମର୍ଥ୍ୟ ମୋର ଆର୍ଥିକ ସ୍ଥିତିରେ ଅଭିବୃଦ୍ଧି ଘଟିଲା ଏବଂ ଏହି ଚାନ୍ଦା

ଦେବା କାରଣରୁ ବ୍ୟବସାୟରେ ମଧ୍ୟ ଅଲ୍ଲାଃତାଲା ମୋତେ ଉନ୍ନତି ପ୍ରଦାନ କରି ଚାଲିଲେ । ପୁନଶ୍ଚ କିଛି ବର୍ଷ ପରେ ମୋ ପରିବାରର ଅନ୍ୟ ସଦସ୍ୟମାନେ ମଧ୍ୟ ବୈଅତ୍ କରିନେଲେ ଏବଂ ଅଲ୍ଲାଃତାଲାଙ୍କ କୃପାରୁ ଆଜି ମୋର ୱକ୍ଫେ ଜଦିଦ୍‌ର ଚାନ୍ଦା ପାଞ୍ଚ ଲକ୍ଷ ଟଙ୍କା ହୋଇଯାଇଛି ଏବଂ ଲକ୍ ଡାଉନ୍ ହେବା ସତ୍ତ୍ୱେ ମୋର ଚାନ୍ଦା ଦେବା ଯୋଗୁଁ ଏବଂ ଚାନ୍ଦାର କଲ୍ୟାଣ ଯୋଗୁଁ ମୋର ବ୍ୟବସାୟରେ ମଧ୍ୟ ମୋତେ କୌଣସି କ୍ଷତି ସହ୍ୟ କରିବାକୁ ପଡ଼ିଲା ନାହିଁ । ବରଂ ଅତିରିକ୍ତ ଅଭିବୃଦ୍ଧି ହୋଇ ଚାଲିଲା ଏବଂ ଅଲ୍ଲାଃତାଲାଙ୍କ କୃପାରୁ ବର୍ତ୍ତମାନ ମୋର ବାଣିଜ୍ୟ ବ୍ୟବସାୟ ଭାରତରୁ ବାହାରି ଥାଇଲାଣ୍ଡରେ ପ୍ରସାରିତ ହୋଯାଇଛି । ହୁଜୁର ଅନୱର୍ ଅ.ବ କହିଲେ, ଏହା ହେଉଛି ଅଲ୍ଲାଃତାଲାଙ୍କ କୃପା, ଏହା କୌଣସି ଜୁଆଡ଼ି ଜନିତ ବ୍ୟବସାୟ ନୁହେଁ । ଯହିଁରେ ଅର୍ଥ ବିନିଯୋଗ କରାଯାଇଛି, ପରିଶ୍ରମ କରାଯାଇଛି, ବ୍ୟବସାୟ ମଧ୍ୟ କଲି । ସୁତରାଂ ଅଲ୍ଲାଃତାଲା ଅନେକ ଗୁଣା ଅଭିବୃଦ୍ଧି କରି ମୋତେ ଫେରସ୍ତ କଲେ।

ପୁନଶ୍ଚ ଭାରତରୁ ଆଉ ଏକ ଉଦାହରଣ ରହିଛି ଯେ, ମାଲ୍ଲା ପୁରମ କେରଳରୁ ମୁବଲ୍ଲିଗ୍ ଇନ୍‌ଚାର୍ଜ ସାହେବ ଉଲ୍ଲେଖ କଲେ ଯେ, ନାଜିମ୍ ସାହେବ ମାଲ୍ ଓ ଇନ୍ସପେକ୍ଟର ସାହେବ ୱକ୍ଫେ ଜଦିଦ୍ ଆର୍ଥିକ ବର୍ଷର ପରିସମାପ୍ତି ଅବସରରେ ଜମାଅତ୍‌ମାନଙ୍କର ଗସ୍ତ କରୁଥିଲେ । ସେଠାରେ ନୈଷ୍ଠିକ ଅହେମଦି ବ୍ୟବସାୟୀ ରହେମାନ୍ ସାହେବଙ୍କର ଫୋନ ଆସିଲା ଯେ, ଆପଣ ମୋ କମ୍ପାନୀକୁ ଆସି ଯାଆନ୍ତୁ । ମୁଁ ନିଜ କମ୍ପାନୀରେ ଏକ ନୂତନ ବିଭାଗ ସ୍ଥାପନ କରିଛି । ତେଣୁ ଦୁଆ କରାଇବି । ମୁବଲ୍ଲିଗ୍ ସାହେବ କହନ୍ତି ଯେ, ମୁଁ ଯେତେବେଳେ ସେଠାକୁ ଗଲି ଏବଂ ପଚାରିବାରୁ ସେ ୧୦ ଲକ୍ଷ ଟଙ୍କାର ଚେକ୍ ମୋତେ ପ୍ରଦାନ କଲେ । ରହେମାନ୍ ସାହେବ କହନ୍ତି ଯେ, ଏହି ଟଙ୍କା ମୁଁ ନିଜର ଏକ ପୁରୁଣା ସମ୍ପତ୍ତିର ରେଜିଷ୍ଟ୍ରି ପାଇଁ ରଖିଥିଲି । କିନ୍ତୁ ଆପଣଙ୍କ ଆଗମନ ଯୋଗୁଁ ୱକ୍ଫେ ଜଦିଦ୍‌ର ଚାନ୍ଦାରେ ଏହି ଟଙ୍କା ପୈଠ କରି ଦେଇଛି ଓ ରେଜିଷ୍ଟ୍ରିର ତାରିଖକୁ ଆଗକୁ ଘୁଞ୍ଚାଇ ଦେଇଛି । କିଛି ଦିନ ପରେ ମହୋଦୟ ରହେମାନ ସାହେବ କହନ୍ତି ଯେ, ତାଙ୍କୁ ବିନା ପରିଶ୍ରମରେ ବିପୁଳ ପରିମାଣର ଟଙ୍କା ପ୍ରାପ୍ତ ହୋଇଗଲା ଯାହାକି ମହୋଦୟଙ୍କ ଆବଶ୍ୟକତା ଠାରୁ ବହୁ ଗୁଣା ଥିଲା ।

ଇଣ୍ଡୋନେସିଆର ଅମୀର୍ ସାହେବ ଉଲ୍ଲେଖ କରନ୍ତି ଯେ, ଏକ ଛୋଟ ଜମାଅତ୍‌ର ଅବ୍‌ଦୁର୍ ରହିମ୍ ସାହେବ ନାମକ ଜଣେ ସଦସ୍ୟ କୁହନ୍ତି, ମୁଁ ପ୍ରତି ବର୍ଷ ୱକ୍ଫେ ଜଦିଦ୍‌ର ଚାନ୍ଦା ପୈଠ କରିଦିଏ । କିନ୍ତୁ ୨୦୧୯-୨୦୨୦ ବର୍ଷ ମୋ ପାଇଁ ଅତ୍ୟନ୍ତ କଷ୍ଟଦାୟକ ଥିଲା । ନୂତନ ବ୍ୟବସାୟ ଆରମ୍ଭ କରିଥିବା ହେତୁ ଚାକିରୀ ଛାଡ଼ି ଦେଇଥିଲି । ବ୍ୟବସାୟ ମଧ୍ୟ ଭଲ ଚାଲିଲା ନାହିଁ ଓ ସଞ୍ଚିତ ଧନ ମଧ୍ୟ ଶେଷ ହୋଇଗଲା । ୱକ୍ଫେ ଜଦିଦ୍‌ର ଚାନ୍ଦା କିପରି ପୈଠ କରିବି ତାହାର କୌଣସି ବାଟ ଦିଶୁ ନଥିଲା । ପ୍ରତ୍ୟେକ ଦିନ ନମାଜ ତେହଜ୍ଜୁଦ୍‌ରେ ଦୁଆ କରୁଥିଲି ଏବଂ ଖଲିଫତୁଲ୍ ମସିହ୍‌ଙ୍କୁ ପତ୍ର ମଧ୍ୟ ଲେଖୁଥିଲି । ସେ ଯାହା ହେଉ ନା କାହିଁକି । କୌଣସି ନା କୌଣସି ପ୍ରକାରେ ନିଜର ପ୍ରତିଶୃତ ଚାନ୍ଦା ପୈଠ କରିଦେଲି । କିଛି ଦିନ ଗଲାପରେ ସେହି ସ୍ଥାନରୁ ମୋତେ ଚାକିରୀ ନିମନ୍ତେ ଡ଼କାଗଲା ଯେଉଁଠି ମୁଁ ୭ ବର୍ଷ୍ ପୂର୍ବେ ଇସ୍ତଫା ଦେଇ ଚାଲି ଆସିଥିଲି । ଏହା କେବଳ ଅଲ୍ଲାଃତାଲାଙ୍କର ହିଁ କୃପା ଯେ, ୫୧ ବର୍ଷ ବୟସରେ ମୋତେ ଏକ ନିୟମିତ ରୋଜଗାର ଏବଂ ଆମଦାନୀର ଏକ ବାଟ ଫିଟିଗଲା ।

ହୁଜୁର ଅନୱର୍ ଅ.ବ ସିନିଗାଲ୍, ସେରାଲିଓନ୍, ଗ୍ୟାମ୍ବିୟା, କଙ୍ଗୋଶା, ମେସିଡ଼ୋନିଆରେ ଅବସ୍ଥିତ ଜମାଅତ୍‌ର ସଦସ୍ୟ ବୃନ୍ଦଙ୍କର ପୈଠ ଚାନ୍ଦାର ବିଶ୍ୱାସ ବର୍ଦ୍ଧକ ଘଟଣାବଳୀ ଉପସ୍ଥାପିତ କରିବା ପରେ କହିଲେ ଯେ, ଅଲ୍ଲାଃତାଲା ସେହି ଅହେମଦିମାନଙ୍କର ଆର୍ଥିକ ବଳିଦାନକାରୀମାନଙ୍କର ବଳିଦାନକୁ ସ୍ୱୀକାର କରନ୍ତୁ ଏବଂ ସେମାନଙ୍କୁ ବଳିଦାନର ସ୍ତରରେ ଉନ୍ନୀତ ହେବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । କିନ୍ତୁ ଯେଉଁମାନେ ଭଲ ସ୍ଥିତିରେ ଅଛନ୍ତି, ଅର୍ଥାତ ଯେଉଁମାନଙ୍କ ଆର୍ଥିକ ଅବସ୍ଥା ମଧ୍ୟ ସ୍ୱଚ୍ଛଳ ରହିଛି କିନ୍ତୁ ସେମାନଙ୍କର ଆର୍ଥିକ ବଳିଦାନର ସ୍ଥିତି ଭଲ ନାହିଁ, ସେମାନେ ହ. ମସିହ୍ ମଉଦ୍ ଅ.ସଙ୍କ ଏହି କଥାକୁ ମନେରଖନ୍ତୁ ! କି ଅଲ୍ଲାଃତାଲାଙ୍କୁ ତୁମର ସେବା ଏବଂ ତୁମର ଆର୍ଥିକ ବଳିଦାନର ତିଳେ ମାତ୍ର ଆବଶ୍ୟକତା ନାହିଁ ଓ ସେ ଅଭାବି ନୁହନ୍ତି ଯେ, ତାଙ୍କୁ ତୁମମାନଙ୍କର ଟଙ୍କାର ପଇସାର ଆବଶ୍ୟକତା ରହିଛି । ବରଂ ଏହା ତୁମମାନଙ୍କ ଉପରେ ପ୍ରଭୁଙ୍କ କୃପା ଯେ, ତୁମକୁ ସେବା କରିବା ନିମନ୍ତେ

ସେ ସୁଯୋଗ ପ୍ରଦାନ କରୁଛନ୍ତି । ଅଲ୍ଲାଃତାଲା ଜମାଅତ୍‌ର ଅମୀର୍‌ମାନଙ୍କୁ ହ. ମସିହ୍ ମଉଦ୍ ଅ.ସଙ୍କ ଏହି କଥାକୁ ବୁଝିବା ପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ହୁଜୁର ଅନୱର୍ ଅ.ବ ଚଳିତ ୬୬ତମ ବର୍ଷ ଅର୍ଥାତ ୱକ୍‌ଫେ ଜଦିଦ୍‌ର ନୂତନ ବର୍ଷର ଘୋଷଣା କଲେ । ୨୦୨୨ ମସିହାରେ ୱକ୍‌ଫେ ଜଦିଦ୍‌ର ଚାନ୍ଦାରେ ଅଲ୍ଲାଃତାଲାଙ୍କ କୃପାରୁ ଜମାଅତ୍‌କୁ ୧ କୋଟି ୨୨ ଲକ୍ଷ ୧୫ ହଜାର ପାଉଣ୍ଡ୍ ଅର୍ଥ ଦାନ କରିବା ପାଇଁ ସାମର୍ଥ୍ୟ ପ୍ରାପ୍ତ ହୋଇଛି ଯାହାକି ପୃଥିବୀର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନଥିବ ସତ୍ତ୍ୱେ ଗତ ବର୍ଷ ତୁଳନାରେ ୯୦ ଲକ୍ଷ ୨୮ ହଜାର ପାଉଣ୍ଡ ଅତିରିକ୍ତ ଆଦାୟ ହୋଇଛି । **ଅଲ୍‌ହମ୍‌ଦୁଲିଲ୍ଲାଃ ।**

ଏତଦ୍‌ପରେ ହୁଜୁର ଅନୱର୍ ଅ.ବ ଆଦାୟ ଦୃଷ୍ଟିରୁ ପୃଥିବୀର ବିଭିନ୍ନ ଜମାଅତ୍‌ମାନଙ୍କର ପୋଜିଶନ୍ (ସ୍ଥାନ)ର ଘୋଷଣା କଲେ । ପ୍ରାପ୍ତ ରିପୋର୍ଟ ଆଧାରରେ ପ୍ରଥମ ୧୦ଟି ଜମାଅତ୍‌ମାନଙ୍କର ପୋଜିଶନ୍ ନିମ୍ନମତେ ରହିଛି;- ବ୍ରିଟେନ୍, କାନାଡ଼ା, ଜର୍ମାନୀ, ଆମେରିକା, ଭାରତ, ଅଷ୍ଟ୍ରେଲିୟା, ଭାରତ, ମିଡ଼ିଲ୍ ଇଷ୍ଟ (ମଧ୍ୟପୂର୍ବ)ର ଗୋଟିଏ ଜମାଅତ୍, ଇଣ୍ଡୋନେସିଆ, ମିଡ଼ିଲ୍ ଇଷ୍ଟ୍‌ର ଆଉ ଏକ ଜମାଅତ୍ ଓ ବେଲ୍‌ଜିୟମ୍ ।

ଏକକ ପୈଠାନୁଯାୟୀ ଦେଶମାନଙ୍କର କ୍ରମିକ ସଂଖ୍ୟା ହେଲା; ଆମେରିକା, ସୁଇଜରଲ୍ୟାଣ୍ଡ, ବ୍ରିଟେନ୍, ଅଷ୍ଟ୍ରେଲିୟା, କାନାଡ଼ା ।

ଆଫ୍ରିକାର ସାମଗ୍ରିକ ଆଦାୟ ଦୃଷ୍ଟିରୁ ପ୍ରଥମ ୧୦ଟି ଜମାଅତ୍ ହେଲେ; ଘାନା, ମରେଶିୟସ୍, ନାଇଜେରିୟା, ବୁର୍କିନାଫାସୋ, ତାନ୍‌ଜାନିୟା, ଲାଇବେରିୟା, ଗ୍ୟାମ୍ବିୟା, ୟୁଗାଣ୍ଡା, ବେନିନ୍ ଓ ସେରାଲିଓନ୍ ।

ହୁଜୁର ଅନୱର ଅ.ବ କହିଲେ, ଚଳିତ ବର୍ଷ ଚାନ୍ଦାରେ ଅଂଶ ଗ୍ରହଣକାରୀଙ୍କ ସଂଖ୍ୟା ମଧ୍ୟରୁ ୬୧,୦୦୦ ନୂତନ ନୈଷ୍ଠିକ ଚାନ୍ଦା ପୈଠକାରୀମାନଙ୍କର ଅଭିବୃଦ୍ଧି ହୋଇଛି ଏବଂ ମୋଟ ଅଂଶ ଗ୍ରହଣକାରୀଙ୍କ ସଂଖ୍ୟା ୧୫ ଲକ୍ଷ ୬ ହଜାର ହୋଇଯାଇଛି ।

ହୁଜୁର ଅନୱର୍ ଅ.ବ ବ୍ରିଟେନ୍, ଜର୍ମାନୀ, ଆମେରିକା, ପାକିସ୍ତାନ, ଭାରତ ଓ ଅଷ୍ଟ୍ରେଲିୟା ଆଦି ଦେଶମାନଙ୍କର ଜମାଅତମାନଙ୍କର ପୋଜିଶନ ସଂପର୍କରେ ଘୋଷଣା କରି କହିଲେ, ଆଦାୟ ଦୃଷ୍ଟିରୁ ଭାରତର ପ୍ରଥମ ୧୦ଟି ପ୍ରଦେଶ ହେଲେ; କେରଳ, ତାମିଲନାଡୁ, କର୍ଣ୍ଣାଟକ, ଜାମ୍ମୁକାଶ୍ମୀର, ତେଲେଙ୍ଗାନା, ଓଡ଼ିଶା, ପଞ୍ଜାବ, ପଶ୍ଚିମବଙ୍ଗ, ମହାରାଷ୍ଟ୍ର, ଦିଲ୍ଲୀ ।

ଭାରତର ପ୍ରଥମ ଦଶଟି ସ୍ଥାନ ଅଧିକାର କରିଥିବା ଜମାଅତ୍‌ମାନେ ହେଲେ; କୋୟମ୍ବଟୁର୍, ହାଇଦ୍ରାବାଦ୍, କାଦିୟାନ୍, କେରୁଲାଇ, ପିଥା ପେରମ୍, ବାଙ୍ଗାଲୋର, ମେଲାପାଲାଏମ୍, କଲିକତା, କାଲିକଟ୍ ଓ **କେରଙ୍ଗ ।**

ହୁଜୁର୍ ଅନୱର୍ ଅ.ବ କହିଲେ ଅଲ୍ଲାଃତାଲା ସମସ୍ତ ଅଂଶଗ୍ରହଣାକାରୀଙ୍କ ଧନ ଜୀବନରେ ଅସାଧାରଣ କଲ୍ୟାଣ ଓ ଅଭିବୃଦ୍ଧି (ହେବା ନିମନ୍ତେ ସାମର୍ଥ୍ୟ) ପ୍ରଦାନ କରନ୍ତୁ । **ଆମିନ୍ ।**

---

**ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ ନସ୍‌ତଈନୁହୁ ୱନସ୍‌ତଗ୍‌ଫିରୁହୁ ୱନୁମିନୁ ବିହି ୱନତୱକ୍‌କଲୁ ଅଲୈ ୱ ନଉଜୁ ବିଲ୍ଲାହି ମିନ୍ ଶୁରୁରି ଅନ୍‌ଫୁସିନା ୱମିନ୍ ସଈଆତି ଆମାଲିନା ମଇଁ ୟହ୍‌ଦିହିଲ୍ଲାହୁ ଫଲା ମୁଜ଼ିଲ୍ଲା ଲହୁ ୱମଇଁ ୟୁଜ଼୍‌ଲିଲ୍‌ହୁ ଫଲା ହାଦିୟା ଲହୁ ୱନଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍‌ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହିମକୁମୁଲ୍ଲାହି ଇନ୍ନଲ୍ଲାହା ୟାମୁରୁ ବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜ଼ିଲ୍ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜୁକୁମ୍ ଲାଅଲ୍‌ଲକୁମ୍ ତଜ଼କ୍ କରୁନା ଉୟ୍‌କୁରୁଲ୍ଲାହ୍ ୟଜ୍‌କୁରୁକୁମ୍ ୱଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ୱଲଜ଼ିକ୍‌ରୁଲ୍ଲାହି ଅକ୍‌ବର୍ ।**

.......................................

KHULASA KHUTBA JUMA HUZOOR ANWAR a.b.a
6th JAN. 2023